# Akashvani, Sambalpur

## SAMBALPURI NEWS BULLETIN

### 20 February 2025- 6.47- 6.52 am.

*********************************************

ବିଧାନ୍‌ସଭା    ଭୁବ୍‌ନେଶ୍ୱର୍ ସମ୍ବାଦଦାତା

୧୭ ନମ୍ବର୍ ବିଧାନ୍‌ସଭା ବଜେଟ୍ ଅଧିବେଶନ୍‌ଥି ଗଲାକାଏଲ୍ ବିରୋଧୀ ମାନ୍‌କର୍ ହୋହଲ୍ଲା ଲାଗି ଗୃହକାର୍ଯ୍ୟ ପ୍ରଭାବିତ୍ ହେଇଥିଲା । ସଖାଲ୍‌ବେଲା ଗୃହ ଚାଲି ନାଇ ପାରିଥିଲା ବେଲେ ଉପର୍‌ବେଲା କିଛି ସମିଆ ଥିତ ସ୍ୱାଭାବିକ୍ ରହିଥିଲା । ଭିନ୍ ଭିନ୍ ପ୍ରସଙ୍ଗକେ ନେଇକରି ବିରୋଧୀମାନେ କିର୍ଲାଗଗା କର୍‌ବାର୍‌ନୁ ବେଲ୍‌ବୁଡ଼େ ବାଚସ୍ପତି ଗୃହକେ ମୁଲ୍‌ତବୀ ଘୋଷଣା କରିଥିଲେ ।

ଜୈବିକ୍ ସାର    ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଚାଷ୍‌ବାସ୍ ଲାଗି ୨୦୨୪-୨୫ ଆର୍ଥିକ୍ ବଛ୍‌ରେ ୨ ଲାଖ୍ ୩ ହଜାର ୨ ଶହ ୪୦ ମେଟ୍ରିକ୍‌ଟନ୍ ଜୈବିକ୍ ସାର ବେଭାର୍ କରାଯାଇଛେ ବଲି ଉପମୁଖ୍ୟମନ୍ତ୍ରୀ ଆଉ କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ । ଗଲାକାଏଲ୍ ବିଧାନସଭାନ

ଗୁଟେ ଲିଖିତ୍ ପ୍ରଶ୍ନର ଉତର ଥି ଶ୍ରୀ ସିଂହଦେଓ କହିଛନ୍, ରାଏଜେ ପ୍ରାକୃତିକ ଚାଷ୍ ପଦ୍ଧତି ଆଉ ପରମ୍ପରାଗତ୍ ଚାଷ୍ ଭିତିକ୍ ଯୋଜ୍ନା ଜରିଏ କମ୍ପୋଷ୍ଟ ଖତ୍ ତିଆର୍ ଆଉ ତାର୍ ଭର୍ପୁର ବେଭାର୍ ଉପ୍ରେ ଜୋର୍ ଦିଆଯାଉଛେ । ଇଥିର୍ଲାଗି ଚାଷୀମାନଙ୍କୁ ତହଁକାଯାଉଛେ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଓଡ଼ିଶା ଯାତ୍ରୀ ଆପ୍        ହି.ସ.

ଓଡ଼ିଶା ଯାତ୍ରୀ ଆପ୍ ମୁଲ୍ ହେବାର୍ ୪୫ ଦିନ୍ ଭିତ୍ରେ ୧ ଲାଖ୍ନୁ ଅଏତ୍କା ଯାତ୍ରୀ ଇ ସେବାର୍ ଲାଭ୍ ଉଠେଇ ସାରିଛନ୍ ବଲି ବାଣିଜ୍ୟ ଆଉ ପରିବହନ୍ ବିଭାଗ୍ର ପ୍ରମୁଖ ସଚିବ ଉଷା ପାଢ଼ୀ କହିଛନ୍ । ଯାତ୍ରୀମାନଙ୍କର୍ ସୁରକ୍ଷା ଆଉ ଚାଲକ୍ ମାନଙ୍କର୍ ସଶକ୍ତୀକରଣକେ ଜୋର୍ ଦେବାର୍ ସହେତେ ରାଜ୍ୟର୍ ଯାତ୍ରୀମାନଙ୍କର୍ ସ୍ଥିତିକେ ଇ ଆପ୍ ଆହୁରି ବର୍କସ୍ କରିପାରିଛେ । ଯାତ୍ରୀମାନଙ୍କର୍ ଲାଗି ରିଏଲ୍ ଟାଇମ୍ ଟ୍ରିପ୍ ଟ୍ରାକିଂ, ଠିକ୍ ଦାମ୍ ନିର୍ଦ୍ଧାରଣ୍ ଆଉ ପୁଲିସ୍ର ୧୧୨ ଜରୁରୀକାଲୀନ୍ ସୁବିଧା ବାଗିର୍ ଭିନ୍ ଭିନ୍ ବ୍ୟବସ୍ଥା ଇ ଆପ୍ଥି ରହିଛେ ବଲି ଶ୍ରୀମତୀ ପାଢ଼ୀ କହିଛନ୍ ।

ମୁଖ୍ୟମନ୍ତ୍ରୀ ଛାତ୍ରୀମୃତ୍ୟୁ          ଆର୍‌ଏନ୍‌ୟୁ/ସମ୍ବଲପୁର

ଭୁବନେଶ୍ୱର’ନ ଗୁଟେ ଘରୋଇ ବିଶ୍ୱବିଦ୍ୟାଳୟର୍ ଛାତ୍ରୀ ମୃତ୍ୟୁ ଘଟ୍‌ନାଥି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଲାକାଏଲ୍ ନୂଆଦିଲ୍ଲୀର ରାଜ୍ୟ ଅତିଥି ଭବନ୍‌ଠାନେ ନେପାଲ୍ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କର୍ ସଙ୍ଗେ କଥା ହେଇଛନ୍ । ବିଶ୍ୱବିଦ୍ୟାଳୟର୍ ଥିତି ସ୍ୱାଭାବିକ୍ କର୍‌ବାର୍ ଲାଗି ସବୁ ପ୍ରକାର ଚେରେଷ୍ଟା କରାଯାଉଛେ ବଲି କହିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନେପାଳୀ ଛାତ୍ରଛାତ୍ରୀମାନଙ୍କୁ ବିଶ୍ୱଦିବ୍ୟାଳୟକେ ଫିରି ଆଏବାର୍ ଲାଗି ଭିଲ୍ ନିବେଦନ୍ କରିଛନ୍ । ଇ ବାବ୍‌ଦେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ନେପାଳର ବୈଦେଶିକ୍ ମନ୍ତ୍ରୀଙ୍କର୍ ସଙ୍ଗେ ଫୋନ୍ ଜରିଏ ଘଟ୍‌ନା ବାବ୍‌ଦେ ଆଲୋଚନା କରିଛନ୍ ।

ଜାତୀୟସ୍ତରୀୟ ହସ୍ତତନ୍ତ ମେଳା      I&PR

ଭୁବନେଶ୍ୱର ୟୁନିଟ୍ ୩ ପ୍ରଦର୍ଶନୀ ପଡ଼ିଆନ ଗଲାକାଏଲ୍‌ଠାନୁ ଜାତୀୟସ୍ତରୀୟ ହସ୍ତତନ୍ତ ମେଳା ମୁଲ୍ ହେଇଛେ । ମେଳାକେ ହସ୍ତତନ୍ତ ଆଉ ବୟନଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମେଳା ଉଦ୍‌ଘାଟନ କରିଛନ୍ । ଏପ୍ରିଲ୍ ୧ ତାରିଖ୍ ତକ୍ ହେବାର୍‌କେ ଥିବା

ଇ ମେଲା ସଖାଲର୍ ସାଢ଼େ ୧୧ ବଜେନୁ ମୁଲ୍ ହେଇକରି ରାତିର୍ ସଢ଼େ ୯ ବଜେତକ୍ ଚାଲ୍ବା ।

ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଆର୍ଏନ୍ୟୁ/ ସମ୍ବଲପୁର

ଦିଲ୍ଲୀର୍ ନୁଆଁ ମୁଖ୍ୟମନ୍ତ୍ରୀ ଭାବେ ବିଧାୟିକା ରେଖା ଗୁପ୍ତା ଆଏଜ୍ ଶପଥ୍ ନେବେ । ଗଲା କାଏଲ୍ ତାଙ୍କୁ ଦିଲ୍ଲୀ ବିଜେପିର୍ ବିଧାୟକ ଦଲର୍ ନେତା ବଛା ଯାଇଥିଲା । ଆଏଜ୍ ରାମଲୀଲା ମଏଦାନ୍‌ନେ ହେବାର୍ କେ ଥିବାର୍ ଶପଥ ସମାରୋହ ଥି ମୁଖ୍ୟମନ୍ତ୍ରୀଙ୍କ ସାଙ୍ଗେ ୭ ଝନ୍ ମନ୍ତ୍ରୀ ଶପଥ୍ ନେବେ । ସମାରୋହ ଥି ପ୍ରଧାନମନ୍ତ୍ରୀ, ସ୍ୱରାଷ୍ଟ୍ରମନ୍ତ୍ରୀଙ୍କର ସହେତେ ଭିନ୍ ଭିନ୍ କେନ୍ଦ୍ର ମନ୍ତ୍ରୀ ଆର୍ ମୁଖ୍ୟମନ୍ତ୍ରୀ ମାନେ ଯୋଗଦେବାର୍ କାର୍ଯ୍ୟକ୍ରମ ରହିଛେ ।

ମନ୍ କି ବାତ୍ ଆର୍ଏନ୍ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍

ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୧୯ ନ ର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା ।

ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଆକାଶ୍‌ବାଣୀ ଆଉ ଦୂର୍‌ଦର୍ଶନ୍ ଜରିଏ ଆର୍ ଏଆଇଆର୍ ନ୍ୟୁଜ୍ ଓ୍ୱେବ୍‌ସାଇଟ୍ 'ନ୍ୟୁଜ୍ ଅନ୍ ଏଆଇଆର୍' ମୋବାଇଲ୍ ଆପ୍‌ଥି ପ୍ରସାରଣ୍ କରାଯିବା । ଆକାଶ୍‌ବାଣୀ ସମ୍ବାଦ, ଡିଡି ନ୍ୟୁଜ୍, ପିଏମ୍‌ଓ ଅଫିସ୍, ସୂଚନା ଆଉ ପ୍ରସାରଣ୍ ମନ୍ତ୍ରଣାଳୟର ୟୁ-ଟ୍ୟୁବ୍ ଚେନାଲ୍‌ଥି ଭିଲ୍ ଇଟା ପ୍ରସାରଣ୍ କରାଯିବା । ପ୍ରଧାନ୍‌ମନ୍ତ୍ରୀଙ୍କର୍ ହିନ୍ଦୀ ଅଭିଭାଷଣ୍ ଉତ୍‌ରୁ ଆଂଚଲିକ୍ ଭାଷାଥି ଇତାର୍ ପ୍ରସାରଣ୍ କରାଯିବା । ସେହିଦିନ ରାତିର୍ ୮ ବଜେ ଆଂଚଲିକ୍ ଭାଷାନ୍ତରଣ୍‌ର ଫେର୍‌ଘାଏ ପ୍ରସାରଣ୍ କରାଯିବା ।

ନୂଆଁପଡ଼ା ଗ୍ରୀଷ୍ମ ପ୍ରସ୍ତୁତି ବୈଠକ ନୂଆପଡ଼ା ସମ୍ବାଦଦାତା

ନୂଆଁପଡ଼ା ଜିଲ୍ଲା ନ ଇ ବଛର୍ ବଢ଼୍‌ତି ତାପମାତ୍ରାକେ ନଜର ଥି ରଖିକରି ଜିଲ୍ଲା ଜରୁରୀକାଳୀନ ଶାଖା ତରଫୁ ଗୁଟେ ପ୍ରସ୍ତୁତି ବୈଠକ ହେଇ ଯାଇଛେ । ପାନିର୍ ଅସ୍‌ବୁଧା ଭୁଗୁଥିବାର୍ ଗାଁ ମାନ୍‌କେ ଖରା ଦିନେ ପି' ବାର୍ ପାଏନ୍ ବ୍ୟବସ୍ଥା କର୍‌ବାର୍ କେ ବୈଠକ ନୁ ଆଲୋଚନା ହେଇଥିଲା । ଗହଲି ଠାନ୍ ମାନ୍‌କେ ଜଲ୍

ଛତର୍ ବେବସ୍ଥା କରି କରି ସମ୍ଭାବ୍ୟ ପରିସ୍ଥିତିର୍ ଲାଗି ତୟାର୍ ରହେବାର୍ କେ ସ୍ୱାସ୍ଥ୍ୟ ବିଭାଗ କେ ବି ନିର୍ଦ୍ଦେଶ ଦିଆଯାଇଛେ ।

ଶିବାଜୀ ଜୟନ୍ତୀ : ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଳଠାନେ ଭିନ୍ ଭିନ୍ ହିନ୍ଦୁ ସଙ୍ଗଠନ୍ ତର୍ଫୁ ଛତ୍ରପତି ଶିବାଜୀ ମହାରାଜ୍ଙ୍କର ଜୟନ୍ତୀ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ଶୋଭାଯାତ୍ରା ସହର ବୁଲିଥିଲା । ଇଥି ଭିନ୍ ଭିନ୍ ସାମାଜିକ୍ ସଙ୍ଗଠନ୍ ସାମିଲ୍ ହେଇଥିଲେ ।

ପାରା ଆଥ୍‌ଲେଟିକ୍ସ ଆର୍‌ଏନ୍‌ୟୁ/ସମ୍ବଲପୁର

ଚେନ୍ନାଇଠାନେ ଚାଲିଥିବା ୨୩ ନମ୍ବର ଜାତୀୟ ପାରା ଆଥ୍‌ଲେଏଟିକ୍ସ ଚାମ୍ପିଅନ୍‌ସିପ୍’ଥି ଓଡ଼ିଶାକେ ଗଲାକାଏଲ୍ ୨ଟା ସ୍ୱର୍ଣ୍ଣ ଆଉ ଦୁଇଟା ରୌପ୍ୟ ପଦକ୍ ମିଲିଛେ । ଜୟନ୍ତୀ ବେହେରା ଶହେ ମିଟର୍ ଆଉ ୪ ଶହ ମିଟର ଦୌଡ଼ଥି ଦୁଇଟା ସ୍ୱର୍ଣ୍ଣ ପଦକ୍ ଜିତିଛନ୍ । ସେନ୍ତା ପୁରୁଷ ଲମ୍ବଡିଆଁ ବର୍ଗଥି ପଙ୍କଜ ଭୁଏ ଆଉ ଜେଭ୍‌ଲିନ୍ ଥ୍ରୋ’ଥି କମଳାକାନ୍ତ ନାଏକ ରୌପ୍ୟ ପଦକ୍

ଜିତିଛନ୍ । ଇତାର୍ ସହେତେ ଓଡ଼ିଶାର୍ ପଦକ୍ ସଂଖ୍ୟା ୫କେ ପୁହୁଁଚିଛେ ।

ଏଫ୍ଆଇଏଚ୍ ପ୍ରୋ ଲିଗ୍ ଆର୍ଏନ୍ୟୁ/ ସମ୍ବଲପୁର

ଭୁବନେଶ୍ୱର୍ କଳିଙ୍ଗ ହକି ଷ୍ଟାଡ଼ିୟମ୍ ଠାନେ ଏଫ୍ଆଇଏଚ୍ ପ୍ରୋ ଲିଗ୍‌ଥି ଗଲାକାଏଲ୍ ୩ଟା ମେଚ୍ ଖେଲାଯାଇଥିଲା । ପୁରୁଷ ବର୍ଗର୍ ମେଚ୍‌ଥି ଭାରତ୍ - ଜର୍ମାନୀକେ ୧-ଶୂନ୍ ଗୋଲ୍‌ଥି ହରେଇଥିଲା ବେଲେ ସ୍ପେନ୍ ୪-୧ ଗୋଲ୍‌ଥି ଇଂଲଣ୍ଡକେ ହରେଇଥିଲା । ସେନ୍ତା ମହିଲା ବର୍ଗ ମେଚ୍‌ଥି ସ୍ପେନ୍-ଭାରତ୍‌କେ ୧-୦ ଗୋଲ୍‌ଥି ହରେଇଛେ । ଲିଗ୍ ଥି ଆଏଜ୍ କେହେନ୍‌ସି ମେଚ୍ ଖେଲା ନାଇଯାଏ ।

ପାଣିପାଗ ଆର୍ଏନ୍ୟୁ/ ସମ୍ବଲପୁର

ଆଏଜ୍ ରାଜ୍ୟର୍ ୨୨ଟା ଜିଲ୍ଲାନ ବର୍ଷା ଅନୁମାନ କରିଛେ ଭୁବନେଶ୍ୱର ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର । ପାଣିପାଗ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ, ଆଏବା ୨୪ ତାରିଖ୍ ତକ୍ ରାଏଜେ ଘଡ଼୍‌ଘଡ଼ି ସାଙ୍ଗେ ବର୍ଷା ହେଇପାରେ । କେନ୍ଦୁଝର, ବାଲେଶ୍ୱର,

ଭଦ୍ରକ ଆଉ ଯାଯପୁର ଜିଲ୍ଲାନ କରା ଆଉ ଚଡ଼କ୍ ମାର୍‌ବାର୍ ସମ୍ଭାବନା ରହିଛେ ।